# ‘ଫକୀରମୋହନ ସେନାପତି ଓ ମୁନ୍‌ସି ପ୍ରେମଚାନ୍ଦ: ଏକ ତୁଳନାତ୍ମକ ଅଧ୍ୟୟନ’ ଶୀର୍ଷକ ପାଠଚକ୍ର



ରେମୁଣା,୨୨ା୭(ଆ.ପ୍ର): ସାହିତ୍ୟ ଏକାଡେମୀ, କୋଲକାତା ଏବଂ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଅନୁକୂଲ୍ୟରେ ‘ଫକୀରମୋହନ ସେନାପତି ଓ ମୁନ୍‌ସି ପ୍ରେମଚାନ୍ଦ : ଏକ ତୁଳନାତ୍ମକ ଅଧ୍ୟୟନ’ ଶୀର୍ଷକ ଏକ ଦିବସୀୟ ପାଠଚକ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସାହିତ୍ୟ ଏକାଡେମୀର ଆଞ୍ଚଳିକ ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶ, ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ମୃଣେଶ୍ ଚନ୍ଦ୍ର ଅଧିକାରୀ, ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର ପ୍ରମୁଖ କାର୍ଯ୍ୟଶାଳାକୁ ଉଦ୍‌ଘାଟନ କରିଥିଲେ। ଡ. ଦେବେନ୍ଦ୍ର କୁମାର ଦେବେଶ ସାହିତ୍ୟ ଏକାଡେମୀ ବର୍ଷକୁ ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନ ସହିତ ମିଳିତ ଭାବରେ ସାହିତ୍ୟର ବିଭିନ୍ନ ବିଷୟରେ କାର୍ଯ୍ୟଶାଳାମାନ ଆୟୋଜନ କରି ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବାର ପ୍ରୟାସ କରିଥାଏ। ଏକାଡେମୀ ପ୍ରକାଶିତ ପୁସ୍ତକ ମେଳା ମାଧ୍ୟମରେ ପାଠକଙ୍କୁ ନୂଆ ନୂଆ ପୁସ୍ତକ ଯୋଗାଇଥାଏ ଏବଂ ଓଡ଼ିଶାର ଭୁବନେଶ୍ୱର ଠାରେ ପ୍ରଥମ ଥର ଏକାଡେମୀର ପୁସ୍ତକ ଯୋଗାଣ କେନ୍ଦ୍ର କାର୍ଯ୍ୟକାରୀ ହେଉଛି; ଯାହା ଅନ୍ୟ ରାଜ୍ୟମାନଙ୍କରେ ବର୍ତ୍ତମାନ ସୁଦ୍ଧା ସମ୍ଭବ ହୋଇନାହିଁ ବୋଲି ପ୍ରକାଶ କରିଥିଲେ। ଆସନ୍ତା ୩୧ ଜୁଲାଇରେ ପ୍ରେମଚାନ୍ଦଙ୍କ ଜନ୍ମତିଥି ହେତୁ ଏହି କାର୍ଯ୍ୟଶାଳାଟି ବେଶ ଯଥାର୍ଥ ବୋଲି ମଧ୍ୟ ସେ ପ୍ରକାଶ କରିଥିଲେ। ଏଥିରେ ପ୍ରଫେସର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ ପୂର୍ବକ ଫକୀରମୋହନ ସେନାପତି ଓ ପ୍ରେମଚାନ୍ଦ ମାନବବାଦୀ ତଥା ସାମାଜିକ ବାସ୍ତବବାଦୀ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଲେଖନୀ ଚାଳନା କରିଥିଲେ ବୋଲି ମତ ଦେଇଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱରେ ମହାନ ବ୍ୟକ୍ତି ବିଶେଷଙ୍କ ଚିନ୍ତାଧାରା ସମାନ ଧରଣର ହୋଇଥାଏ; ଏହି ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରାସଙ୍ଗିକ ପାଠଚକ୍ରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ବୋଲି ମତ ଦେଇଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହିତ ଉଭୟ ସାହିତ୍ୟିକ ଫକୀରମୋହନ ଓ ପ୍ରେମଚାନ୍ଦଙ୍କ ବ୍ୟକ୍ତିଗତ ଜୀବନ ତଥା ସାରସ୍ୱତ ଜୀବନରେ କିପରି ସାମଞ୍ଜସ୍ୟ ରହିଛି; ସେ ବିଷୟରେ ଚର୍ଚ୍ଚା କରିଥିଲେ। ଏଥିରେ ପ୍ରଫେସର ବହ୍ନିବାହନ ମହାପାତ୍ର, ଡ. ସଙ୍ଘମିତ୍ରା ଭଞ୍ଜ, ଡ. ଦୀପ୍ତିପ୍ରଜ୍ଞା ମହାପାତ୍ର, ଡ. କବିତା ପାତ୍ର, ଡ. ମହମ୍ମଦ ଶରିଫ, ଡ. ସୌମ୍ୟା ସଂଗୀତା ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ପ୍ରଫେସର ରମେଶ ମିଶ୍ର, ଡ. ଅରବିନ୍ଦ ଗିରି ପ୍ରମୁଖ ସଭାପତିତ୍ୱ କରିଥିବା ବେଳେ ଡ. ଜୟନ୍ତ କୁମାର ଦାସ, ଡ. ଦେବସ୍ମିତା ରାଉଳ, ଡ. ହେମଲତା ବେହେରା ଓ ଡ. ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ ଭିନ୍ନ ଭିନ୍ନ ଅଧିବେଶନର ନିଷ୍କର୍ଷ ଉପସ୍ଥାପନ ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ କରି ଉଭୟ ଫକୀରମୋହନ ଓ ପ୍ରେମଚାନ୍ଦ ମାନବୀୟ ସମ୍ବେଦନଶୀଳତାକୁ ପ୍ରାଧାନ୍ୟ ଦେଇ ସାହିତ୍ୟ ସୃଷ୍ଟି କରିଥିବା ହେତୁ ପାଠକ ହୃଦୟରେ ଅମରତ୍ୱ ଲାଭ କରିପାରିଛନ୍ତି ବୋଲି ମତ ଦେଇଥିଲେ। ଏଥିରେ ବାଲେଶ୍ୱରର ବହୁ ସାହିତ୍ୟପ୍ରେମୀ ଏବଂ ବହୁ ସାହିତ୍ୟ ଅନୁଷ୍ଠାନର ସଦସ୍ୟବୃନ୍ଦ ଆମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।